# NATIONAL NEWS BULLETIN (ODIA)

**26 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ସମେତ ବନ୍ଧୁରାଷ୍ଟ୍ରଗୁଡ଼ିକୁ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ ନିମନ୍ତେ ଅନୁମତି ଦେଲା ଇରାନ

- ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୀବନାଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ଶ୍ରୀରାମ ନବମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ଫ୍ରାନ୍ସ ଗସ୍ତରେ ଯାଉଛନ୍ତି ଡକ୍ଟର ଏସ୍.ଜୟଶଙ୍କର

- ଆନ୍ଧ୍ରପ୍ରଦେଶରେ ବସ୍ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ, ୨୨ ଆହତ

ଏବଂ

- ଛତିଶଗଡ଼ରେ ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ଦ୍ୱିତୀୟ ଦିନରେ ଆଜି ଛତିଶଗଡ଼ ଓ ପଶ୍ଚିମବଙ୍ଗ ମଧ୍ୟରେ ଫୁଟ୍‌ବଲ ପ୍ରତିଯୋଗିତା ଅମୀମାଂସିତ ଭାବେ ଶେଷ

## ଇରାନ-ଇଣ୍ଡିଆ-ହର୍ମୋଜ

ଇରାନ ବୈଦେଶିକ ମନ୍ତ୍ରୀ ସୟଦ ଆବାସ୍ ଆରାଗଚି କହିଛନ୍ତି, ଭାରତ, ଚୀନ୍, ରୁଷ ସମେତ ଅନ୍ୟାନ୍ୟ ବନ୍ଧୁରାଷ୍ଟ୍ରମାନଙ୍କୁ ହର୍ମୁଜ୍ ପ୍ରଣାଳୀରେ ବ୍ୟବସାୟୀକ ଜାହାଜ ଚଳାଚଳ ନିମନ୍ତେ ଇରାନ ଅନୁମତି ଦେଇଛି । ଇରାନ ହର୍ମୁଜ ପ୍ରଣାଳୀରେ ବ୍ୟବସାୟିକ ଜାହାଜ ଚଳାଚଳ ବନ୍ଦ କରିଥିବା ପରିପ୍ରେକ୍ଷୀରେ ବିଶ୍ୱସ୍ତରରେ ତୈଳ ଏବଂ ଗ୍ୟାସ୍ ମୂଲ୍ୟ ବୃଦ୍ଧି ଘଟିଛି । ଓମାନ୍ ଓ ପାରସ ଉପସାଗରୀୟ ଅଞ୍ଚଳରେ ବିଶ୍ୱର ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ୍ ଆମଦାନୀ କରାଯାଇଥାଏ । ସୂଚନାଯୋଗ୍ୟ, ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ମୁକ୍ତ ରଖିବା ପାଇଁ ଇରାନକୁ ସତର୍କବାଣୀ ଶୁଣାଇଥିଲେ ।

ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରୀ ସେହି ସାମୁଦ୍ରିକ ପଥ ଦେଇ ଶତ୍ରୁ ରାଷ୍ଟ୍ରର ଜାହାଜ ଚଳାଚଳକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ।
କିଛିଦିନ ପୂର୍ବେ ଭାରତ ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷକୁ ପ୍ରତିହତ କରିବାକୁ କୂଟନୈତିକ ଉଦ୍ୟମ ଆରମ୍ଭ କରିଥିଲା । ଯାହାଫଳରେ ଇରାନ ତା'ର ବନ୍ଧୁରାଷ୍ଟ୍ରମାନଙ୍କୁ ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଛି ।

## ପ୍ରେଜ୍-ଭିପି- ପିଏମ୍-ରାମ ନବମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶବାସୀଙ୍କୁ ପବିତ୍ର ରାମନବମୀ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଭଗବାନ

ଶ୍ରୀରାମଙ୍କ ପୌରାଣିକ ଜୀବନଗାଥା ଆମ ସମସ୍ତଙ୍କୁ ସତ୍ୟ, ନ୍ୟାୟ ଓ ଅର୍ଥପୂର୍ଣ୍ଣ ଜୀବନ ଜିଇଁବା ଦିଗରେ ପ୍ରେରଣା ଦେଉଛି । ପ୍ରଭୁ ଶ୍ରୀରାମଙ୍କ ଜୀବନୀ ସମାଜ ପ୍ରତି ଆମର ଥିବା ଦାୟିତ୍ୱବୋଧକୁ ମନେପକାଇବା ସହ ଏହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ଲାଗି ବାର୍ତ୍ତା ଦେଉଛି ।

ଉପରାଷ୍ଟ୍ରପତି ଏହି ଅବସରରେ ପ୍ରଭୁ ଶ୍ରୀରାମଙ୍କ ନ୍ୟାୟ ସ୍ଥାପନ ପ୍ରତି ଥିବା ଏକାତ୍ମବୋଧକୁ ସ୍ମରଣ କରି ମାନବତା ପ୍ରତି ନ୍ୟାୟ ଏବଂ ସତ୍ୟର ମୂଲ୍ୟବୋଧକୁ ଗ୍ରହଣ କରିବା ଲାଗି କହିଛନ୍ତି । ଦେଶବାସୀଙ୍କୁ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ସବୁ ସମୟରେ ପ୍ରେରଣା ଯୋଗାଇବା ସହ ସାମାଜିକ ସୌହାର୍ଦ୍ଦ୍ୟ ସ୍ଥାପନ ଦିଗରେ ଅଗ୍ରସର ହେବାକୁ ପରାମର୍ଶ ଦେଉଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ଶେୟାର କରି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତ୍ୟେକଟି ପରିସ୍ଥିତିକୁ ଧୈର୍ଯ୍ୟର ସହ ମୁକାବିଲା କରିବାର ଏକନିଷ୍ଠତାକୁ ଗ୍ରହଣ କରିବା ପାଇଁ ଆହ୍ୱାନ ଯୋଗାଇଥାଏ । କେବଳ ଭାରତ ନୁହେଁ, ସାରା ବିଶ୍ୱକୁ ପ୍ରଭୁ ଶ୍ରୀରାମଙ୍କ ବାଣୀ ପ୍ରେରଣା ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜୟଶଙ୍କର ଫ୍ରାନ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଜି-ସେଭେନ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ଫ୍ରାନ୍ସ ଗସ୍ତରେ ଯାଉଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଡକ୍ଟର ଜୟଶଙ୍କର ଏହି ଅବସରରେ ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍- ଏୟାରପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ଉତ୍ତରପ୍ରଦେଶର ଯଓ୍ୱାର ଠାରେ ପ୍ରଥମ ପର୍ଯ୍ୟାୟ ନୋଇଡା ଆନ୍ତର୍ଜାତିକ ବିମାନ ବନ୍ଦରର ଲୋକାର୍ପଣ କରିବେ ।୧୧ ହଜାର ୨୦୦ କୋଟି ଟଙ୍କା ବ୍ୟୟରେ ଏହି ବିମାନ ବନ୍ଦର ନିର୍ମାଣ କରାଯାଇଛି । ଅତ୍ୟାଧୁନିକ ଶୈଳୀର ନିର୍ମିତ ଏହି ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିବେଶ ଅନୁକୂଳ ବ୍ୟବସ୍ଥା ଉପଲବ୍ଧ ହୋଇଛି । ଏହି ବିମାନ ବନ୍ଦର ପ୍ରତିଷ୍ଠା ହେବା ଫଳରେ ଆଞ୍ଚଳିକ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସଂଯୋଗୀକରଣ ବୃଦ୍ଧି ପାଇବ ।  ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ପ୍ରତିଷ୍ଠିତ ଏହି ବିମାନ ବନ୍ଦର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦର ପରେ ଦ୍ୱିତୀୟ  ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ପାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ବିମାନ ବନ୍ଦରରେ ବର୍ଷକୁ ୧୨ ମିଲିୟନ ଯାତ୍ରୀ ଯାତାୟାତ କରିବାର କ୍ଷମତା ଉପଲବ୍ଧ କରାଯାଇଥିବା ବେଳେ ଆଗାମୀ ଦିନରେ ଏହା ବର୍ଷକୁ ୭୦ ମିଲିୟନ ଯାତ୍ରୀ ପରିବହନର କ୍ଷମତା ରଖିବ । ବିମାନ ବନ୍ଦରରେ ରବଷ୍ଟ କାର୍ଗୋ ଜୈବ ପ୍ରକ୍ରିୟାର ବ୍ୟବସ୍ଥା ଥିବା ବେଳେ ବିବିଧ ମଡେଲ କାର୍ଗୋ ହବ୍ ଭାବେ ପରିଗଣିତ ହେବ । ବର୍ଷକୁ ଏଠାରେ ୨ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍‌ର ସାମଗ୍ରୀ ପରିବହନର ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ସଂପ୍ରସାରିତ କରାଯାଇ ୧୮ ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।

## ବନ୍ଦେ ଭାରତ

ପଞ୍ଜାବର କପୁରଥାଲାସ୍ଥିତ ରେଳ କୋଚ୍ କାରଖାନା-ଆର୍‌ସିଏଫ୍‌ରେ ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ନିର୍ମାଣ କାର୍ଯ୍ୟ ଚଳିତମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଆରସିଏଫ୍ ଉପ-ପ୍ରବନ୍ଧକ ଅମନ କୁମାର କହିଛନ୍ତି,

ଉନ୍ନତମାନର ୧୬ଟି କୋଚ୍‌ର ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହା ଖୁବ୍‌ଶୀଘ୍ର ଦେଶସେବାରେ ନିୟୋଜିତ ହେବ । ସେ କହିଛନ୍ତି କପୁରଥାଲାଠାରେ ପ୍ରଥମଥର ପାଇଁ ବନ୍ଦେ ଭାରତ କୋଚ୍‌ର ନିର୍ମାଣ କରାଯାଉଛି । ପୂର୍ବରୁ ଚେନ୍ନାଇସ୍ଥିତ ସମନ୍ୱିତ ରେଳ କୋଚ୍ କାରଖାନାରେ ପ୍ରଥମଥର ପାଇଁ ବନ୍ଦେ ଭାରତ ଟ୍ରେନ୍‌ର ନିର୍ମାଣ ଏବଂ ରୂପରେଖ କରାଯାଇଥିଲା । ଛତିଶଗଡ଼ ଏବଂ ଜଳନ୍ଧରର ପି.ଆଇ.ବି. ଅଧିକାରୀମାନଙ୍କୁ ସୂଚନା ଦେଇ ଆର୍‌ସିଏଫ୍ କହିଛନ୍ତି ଏହି ବନ୍ଦେ ଭାରତ ଟ୍ରେନ୍‌ଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି, ଯାହାର ଯାତ୍ରୀ ପରିବହନ କ୍ଷମତା ଅଧିକ ରହିଛି ।

## ପିଏମ୍-ନବରାତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ଚୈତ୍ର ନବରାତ୍ରୀ ଅଷ୍ଟମୀ ଅବସରରେ ମା' ମହାଗୌରୀଙ୍କୁ ପୂଜାର୍ଚ୍ଚନା କରି ଶୁଭ ଆଶୀର୍ବାଦ ଲାଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ଜନସାଧାରଣଙ୍କ ଜୀବନରେ ଶାନ୍ତି, ପ୍ରଗତି ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଚନ୍ତି ।

## ଏପି-ସିଏମ୍ ଆକ୍ସିଡେଣ୍ଟ

ଆନ୍ଧ୍ରପ୍ରଦେଶରେ ଏକ ଘରୋଇ ବସ୍‌ରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି । ମର୍କାପୁରମ୍ ଜିଲ୍ଲାର ରାୟଭରମ୍‌ଠାରେ ଆଜି ପ୍ରତ୍ୟୁଷରେ ଏକ ଟିପର୍ ଟ୍ରକ୍ ସହ ଧକ୍କା ହେବା ଫଳରେ ବସ୍‌ରେ ନିଆଁ ଲାଗିଯାଇଥିଲା । ଦୁର୍ଘଟଣା ସମୟରେ ବସ୍‌ରେ ୩୫ ଜଣ ଯାତ୍ରୀ ଥିଲେ । ଆହତ ଯାତ୍ରୀମାନଙ୍କୁ ମର୍କାପୁରମ୍‌ସ୍ଥିତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର

କରାଯାଇଛି । ଅନେକ ଗୁରୁତରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି । ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡ ଘଟିବା ସମୟରେ ୧୦ ଜଣ ଯାତ୍ରୀ ସୁରକ୍ଷିତ ବସ୍ ମଧ୍ୟରୁ ବାହାରି ଆସିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କୁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

---

## ବାଂଲାଦେଶ-ବସ୍ ଆକ୍ସିଡେଣ୍ଟ

ବାଂଲାଦେଶର ରାଜବରୀ ଜିଲ୍ଲା ଅନ୍ତର୍ଗତ ପଦ୍ମା ନଦୀରେ ଦୌଲତଦିଆ ଘାଟରେ ଏକ ଯାତ୍ରୀବାହୀ ବସ୍ ନଦୀମଧ୍ୟକୁ ଖସିପଡ଼ିବାରୁ ୨୫ ଜଣଙ୍କର ମୃତ୍ୟୁ ଘଟିଛି । ବାଂଲାଦେଶ ଅଗ୍ନି ନିର୍ବାପନ ସଂସ୍ଥାର ସୂଚନା ଅନୁଯାୟୀ ପାଣିରେ ବୁଡ଼ିଯାଥିବା ବସ୍ ମଧ୍ୟରୁ ୨୩ଟି ମୃତଦେହ ଉଦ୍ଧାର କରାଯାଇଛି । ଜୀବନ୍ତ ଉଦ୍ଧାର ହୋଇଥିବା ଅନ୍ୟ ଦୁଇଜଣଙ୍କର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗତକାଲି ସନ୍ଧ୍ୟା ସମୟରେ ଘଟିଥିବା ଏହି ଘଟଣାରେ ଢ଼ାକା ଯାଉଥିବା ସଂପୃକ୍ତ ଯାତ୍ରୀବାହୀ ବସ୍‌ଟି ନଦୀପାର ହେବା ଲାଗି ଡଙ୍ଗାରେ ଚଢ଼ିଥିଲା। ପ୍ରାୟ ୪୦ରୁ ୫୦ ଜଣ ଯାତ୍ରୀ ନେଇ ଯାଉଥିବା ସଂପୃକ୍ତ ବସ୍‌ଟି ୩୦ ଫୁଟ ଗଭୀର ଜଳରେ ବୁଡ଼ିଯାଇଥିଲା । ଘଟଣାର ତଦନ୍ତ ଲାଗି ୫ ଜଣିଆ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି ।

---

# ଇରାନ୍-ୟୁଏସ୍

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ପରିପ୍ରେକ୍ଷୀରେ ଯୁଦ୍ଧ ବିରତି ନେଇ କୂଟନୈତିକ ଉଦ୍ୟମ ଜାରି ରହିଥିବା ବେଳେ ଇରାନ ଏବଂ ଆମେରିକା ଦୃଢ଼ ମନୋଭାବ ପୋଷଣ କରୁଛନ୍ତି । ତେହେରାନ୍ ଏବଂ ୱାଶିଂଟନ୍ ଉଭୟ ହର୍ମୁଜ ପ୍ରଣାଳୀ ଉପରେ ସେମାନଙ୍କର ନିୟନ୍ତ୍ରଣ ସାବ୍ୟସ୍ତ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ସୂଚନା ଅନୁଯାୟୀ ହର୍ମୁଜ ପ୍ରଣାଳୀରେ ଅଟକି ରହିଥିବା କେତେକ ପଣ୍ୟବାହୀ ଜାହାଜ ଚାଇନିଜ୍ ମୁଦ୍ରା ୟୁଆନ୍ ପ୍ରତି ବଦଳରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରୁଛନ୍ତି । ବିଶ୍ୱର ମୋଟ୍ ତୈଳ ଓ ଗ୍ୟାସ୍ ଆବଶ୍ୟକତାର ୨୦ ପ୍ରତିଶତ ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିଥାଏ ।

# ଖେଲୋ ଇଣ୍ଡିଆ

ଛତିଶଗଡ଼ରେ ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ଆଜି ଦ୍ୱିତୀୟ ଦିନରେ ରାୟପୁରରେ ସନ୍ତରଣ, ଭାରୋତ୍ତଳନ, ହକି ଏବଂ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଫୁଟ୍‌ବଲରେ ପୁରୁଷ ବର୍ଗରେ ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ରହିଛି । ପଦକ ତାଲିକାରେ କର୍ଣ୍ଣାଟକ ୫ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ସହ ଶୀର୍ଷରେ ରହିଥିବା ବେଳେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଆସାମ ତୃତୀ, ତ୍ରିପୁରା ଚତୁର୍ଥ ଏବଂ ଛତିଶଗଡ଼ ପଞ୍ଚମ ସ୍ଥାନରେ ରହିଛି । ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩ ହଜାରରୁ ଅଧିକ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି ।